# ତଟିନୀର ଖେଦ

ଡ. ମହେଶ୍ୱର ମହାନ୍ତି

## କବି ପରିଚୟ:

**ଡକ୍ଟର ମହେଶ୍ୱର ମହାନ୍ତି :** ଜଗତସିଂହପୁର ଜିଲ୍ଲା ଓଷକଣା ଗ୍ରାମରେ ଜନ୍ମ । ଓଡ଼ିଆ ଭାଷା ସାହିତ୍ୟର ଜଣେ ପ୍ରବୀଣ ଅଧ୍ୟାପକ ଡ. ମହାନ୍ତି ଶିଶୁମାନଙ୍କ ପାଇଁ ଅନେକଗୁଡ଼ିଏ ପୁସ୍ତକ ରଚନା କରିଛନ୍ତି । ସେଗୁଡ଼ିକ ମଧ୍ୟରୁ 'ଛବି କହୁଛି କଥା' ପୁସ୍ତକଟି ଜାତୀୟ ସ୍ତରର ପୁରସ୍କାର ଲାଭ କରିଛି । 'ବେଲୁନ ଗଲା ଉଡ଼ି' ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛି । 'ଫୁଲରାଣୀ' ତାଙ୍କ ରଚିତ ଅନ୍ୟ ଏକ ସୁନ୍ଦର ଶିଶୁ ମନଲାଖି ରଚନା । ସେ ମାସିକ ଶିଶୁ ପତ୍ରିକା 'ମନ ପବନ'ର ସଂପାଦନା କରୁଥିଲେ ।

ଏହି କବିତାଟିରେ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ସଙ୍ଗେସଙ୍ଗେ ନଦୀ ଓ ସମୁଦ୍ରକୁ ଜୀବନ୍ତ ଚରିତ୍ର ଭାବେ ଚିତ୍ରଣ କରାଯାଇଛି । ଏଥିରେ ନଦୀର କଲ୍ୟାଣକାରୀ ଗୁଣ ମଧ୍ୟ ବର୍ଣ୍ଣନା କରାଯାଇଛି ।

ଲଙ୍ଘି ବନ୍ଧୁର ଗିରି          କାନନ ବୁକୁ ଚିରି
ଝରଇ ଝରଝର ତଟିନୀ,
ମଧୁର କଳକଳ          ଗୀତରେ ଛଳଛଳ
ଜୀବନ-ପଥୁ କେବେ ହଟିନି ।

କେତେ ନଗର, ଗ୍ରାମ          ଘନ ବନାନୀ ଶ୍ୟାମ
ହରିତ କ୍ଷେତ ଆଉ ପ୍ରାନ୍ତର,
ସୁଦୂର ପଥ ଭ୍ରମି          ଯାଏ ସେ ଅତିକ୍ରମି
ନ ହୋଇ ଶ୍ରମେ ତିଳେ କାତର ।

କହିଲା ଦିନେ ନଦୀ,          ''ଶୁଣ ଗୋ ମହୋଦଧି
ଶୁଣ ମୋ' ଜୀବନର କଷଣ,
ମାନବ-ଶିଶୁ ଆଜି          ଘୋର ଦାନବ ସାଜି
ହରିଛି ମୋର ସବୁ ଭୂଷଣ ।

ମୋ' ତୀରେ ଗଢ଼ି କଳ          ତେଜି ଦୂଷିତ ଜଳ
କରିଛି ତନୁ ମୋର ଆବିଳ,
ହରିଛି ସବୁ ଶୋଭା          ଜନ ନୟନ ଲୋଭା
କ୍ରୁର କରିଛି ରୂପ ଛବିଳ ।



କିଆ, କେତକୀ ବନ,          ବେତସ କୁଞ୍ଜ ଘନ
ମୋ' ତୀରେ ଶୂନ୍ୟ ଆଜି, ସିନ୍ଧୁ ଗୋ,
କାହିଁ ବିହଗ ଗାନ          କୋକିଳ କୁହୁ ତାନ
ଯହୁଁ ଝରଇ ମଧୁ ବିନ୍ଦୁ ଗୋ ।''

ଶୁଣି ତଟିନୀ ବାଣୀ          ବକ୍ଷକୁ ନେଇ ଟାଣି
କହିଲା ସିନ୍ଧୁ, ''ଗିରି କନ୍ୟା ଗୋ,
ଲଭି ଈଶ୍ୱର କୃପା          ତୁ ଅଟୁ ମାତୃ ରୂପା
ତୁହି ତ ଜଗତରେ ଧନ୍ୟା ଗୋ ।

ମାନବ ମହାବଳୀ ପ୍ରକୃତି ପାଦେ ଦଳି
ନ ମାନି ବିଧାତାର ନିୟମ
କରୁଛି ଆଜି ଯାହା କାହିଁ ତା' ପାଇଁ ରାହା
ଲଭିବ ଦିନେ ଫଳ ଚରମ ।

ଗାଇ କର୍ମର ଜୟ ଦେଇ ଅମୃତ ପୟ
ପୋଷୁଛୁ କୋଟି ଜନ ପରାଣୀ,
ଝରୁଛୁ ଝରୁ ଥିବୁ ପରାଣ ଭରୁ ଥିବୁ
ତୁହି ତ ଜଗତର କଲ୍ୟାଣୀ ।'

**ସୂଚନା:**

ତଟିନୀ – ନଦୀ, ନଈ
ଲଙ୍ଘି – ଅତିକ୍ରମ କରି
ବନ୍ଧୁର – ଖାଲଢିପ, ଆବଡ଼ାଖାବଡ଼ା
ଦାନବ – ରାକ୍ଷସ, ଧ୍ୱଂସକାରୀ ଶକ୍ତି
ଭୂଷଣ – ସୌନ୍ଦର୍ଯ୍ୟ (ଅର୍ଥରେ) ଅଳଙ୍କାର
ଲୁଟ – ନଷ୍ଟ କରିବା, ଲୁଣ୍ଠନ
ଗାତ୍ର – ଦେହ, ଶରୀର
ବିହଗ – ପକ୍ଷୀ
ପୟ – ଜଳ
ପରାଣୀ – ପ୍ରାଣୀ
ଗିରିକନ୍ୟା – ପର୍ବତର ଝିଅ, ନଦୀ ବା ଝରଣା

## ଅଭ୍ୟାସ

୧. ଉତ୍ତର କୁହ ।

(କ) କେଉଁ କେଉଁ ପଥ ଅତିକ୍ରମ କରି ନଦୀ ବହିଯାଏ ?

(ଖ) ନଦୀ ଶେଷରେ କାହାକୁ ଭେଟେ ?

(ଗ) ନଦୀ କୂଳରେ କ'ଣ ସବୁ ଗଢ଼ି ଉଠିଛି ?

(ଘ) ମହୋଦଧିକୁ ନଦୀ କ'ଣ କହିଲା ?

(ଙ) ନଦୀରେ ବାସ କରୁଥିବା ପାଞ୍ଚଟି ଜଳଚର ଜୀବର ନାମ କୁହ ?

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

(କ) ତଟିନୀ କାହିଁକି ଦୁଃଖ ଅନୁଭବ କରିଛି ?

(ଖ) 'ତୁହି ତ ଜଗତର କଲ୍ୟାଣୀ' ବୋଲି କବି କାହାକୁ କହିଛନ୍ତି ?

(ଗ) ନଦୀ ଆମର କି ଉପକାର କରେ ?

(ଘ) ନଦୀତୀରରେ କଳକାରଖାନା ଗଢ଼ିଉଠିବା ଫଳରେ ଆମର କି କି ଅସୁବିଧା ହେଉଅଛି ?

(ଙ) ନଦୀକୁ 'ମାତୃରୂପା' ବୋଲି କାହିଁକି କୁହାଯାଇଛି ?

**୩. ସରଳ ଭାଷାରେ ବୁଝାଇ ଲେଖ ।**

(କ) 'ସୁଦୂର ପଥ ଭ୍ରମି ............... ତିଳେ କାତର ।'

(ଖ) 'ଲଭି ଈଶ୍ୱର କୃପା ............... ଜଗତରେ ଧନ୍ୟା ଗୋ ।'

(ଗ) 'ଗାଇ କର୍ମର ଜୟ ................ ଜଗତର କଲ୍ୟାଣୀ ।'

**୪. 'ଦୂର' ଶବ୍ଦ ପୂର୍ବରେ 'ସୁ' ଯୋଡ଼ିଲେ 'ସୁଦୂର' ହୁଏ ଓ ଏହା 'ଅତିଦୂରକୁ' ବୁଝାଏ । ସେହିପରି ପୂର୍ବରେ 'ସୁ' ଯୋଡ଼ି ପାଞ୍ଚଟି ଶବ୍ଦ ଲେଖ ।**

**୫. ଶୁଦ୍ଧ ଶବ୍ଦଟିକୁ ବାଛି ବାକ୍ୟରେ ବ୍ୟବହାର କରି ଲେଖ ।**

(କ) କସଣ, କଶଣ, କଷଣ

(ଖ) ଅତିକ୍ରମୀ, ଅତିକ୍ରମି, ଅତୀକ୍ରମି

(ଗ) ଈଶ୍ୱର, ଇଶ୍ୱର, ଇସ୍ୱର

(ଘ) ଭୂଷଣ, ଭୁଷଣ, ଭୂସଣ

**୬. ଦିଆଯାଇଥିବା ଶବ୍ଦ ଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।**

| | | |
|---|---|---|
| ତଟିନୀ | ମହୋଦଧି | ଜଳ |
| ବିହଗ | ନୟନ | ଗିରି |

୭. ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ଦୂଷିତ, ଦିନ, ଜୟ, ଅମୃତ, କର୍ମ, ଶୂନ୍ୟ

୮. ତଳ ଶବ୍ଦଗୁଡ଼ିକ କେଉଁ ପୁରୁଷ ଓ କେଉଁ ବଚନ ଚିହ୍ନାଇ ଦିଅ ।

ତଟିନୀ, ସେ, ମାନବ, ତୁହି, ମୁଁ, ତୁ, କୋଟିଜନ

୯. 'କଳ–କଳ' ପରି ଆଉ କେତୋଟି ଯୁଗ୍ମ ଶବ୍ଦ ଲେଖ ।

୧୦. ପ୍ରାୟ ପଚାଶଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ ।

(କ) ତଟିନୀକୁ କାହିଁକି ଜଗତର କଲ୍ୟାଣୀ ବୋଲି କୁହାଯାଇଛି ?

(ଖ) ନଦୀ ଜଳକୁ ନିର୍ମଳ ରଖିବା ପାଇଁ ଆମେ କ'ଣ କରିବା ଉଚିତ ?

## ତୁମ ପାଇଁ କାମ



- ନଦୀକୁ ନେଇ କବିତାଟିଏ ଲେଖିବାକୁ ଚେଷ୍ଟା କର ।
- ନଦୀ ଓ ସମୁଦ୍ରର କଥୋପକଥନକୁ ସଂଳାପ ଆକାରରେ ଲେଖି ତୁମ ଶ୍ରେଣୀରେ ଅଭିନୟ କର ।

